# ଅଙ୍ଗନୱାଡି ହେଲ୍‌ପର ଚୟନକୁ ବିରୋଧ

**ରାୟଗଡ଼ା,୪।୧୧(ଆଶିଷ ରଞ୍ଜନ ପଣ୍ଡା)**


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ସାହି ବାସିନ୍ଦା ।

ରାୟଗଡା ଜିଲା ସଦର ବ୍ଲକ୍ ଚାନ୍ଦିଲି ଗ୍ରାମ ପଞ୍ଚାୟତରେ ଥିବା ଜେକେପୁରର ଗୁପ୍ତା ଲାଇନ ଅଙ୍ଗନୱାଡି କେନ୍ଦ୍ରର ହେଲପର ପଦବୀ ପାଇଁ ଚୟନ କରାଯାଇଥିବା ପ୍ରାର୍ଥୀଙ୍କୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଉକ୍ତ କେନ୍ଦ୍ରରେ ହେଲପର ପଦବୀ ପାଇଁ ପୁନଃ ଚୟନ ପ୍ରକ୍ରିୟା କରିବାକୁ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

ସାହିବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଚାନ୍ଦିଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜେକେପୁରର ଗୁପ୍ତା ଲାଇନ, ଗୋପବନ୍ଧୁ ଲାଇନ, ଜେନା ଲାଇନ ଓ ଇଏସ୍ଆଇ କଲୋନୀ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ହେଲପର ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁଥିରେ ଗତ ଅକ୍ଟୋବର ୮ରୁ ୨୩ ତାରିଖ ମଧ୍ୟରେ ଫର୍ମ ପାଇଁ ଆବେଦନ କରାଯାଇଥିଲା। ୨୪ ଅକ୍ଟୋବରରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ତେବେ ଥେରୁବାଲିର ସ୍ୱପ୍ନା ହିକ୍‌କା ନାମକ ଜଣେ ମହିଳା ଗୁପ୍ତା କଲୋନୀରେ ଭଡା ଘର ନେଇ ରହି ଆସୁଥିବାବେଳେ ଚକ୍ରାନ୍ତ କରି ନକଲି ରେସିଡେନ୍ସ ପ୍ରମାଣପତ୍ର ପ୍ରଦାନ କରି ଏହି ପଦବୀ ପାଇଁ ଆବେଦନ କରିଥିଲେ। ତାଙ୍କୁ ହେଲପର ପଦବୀ ପାଇଁ ଚୟନ କରାଯାଇଥିବା ଅଭିଯୋଗ କରାଯାଇଛି। ଏହାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବା ସହ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କୁ ହେଲପର ପଦବୀ ଲାଗି ଚୟନ କରାଯିବାକୁ ଦାବି ହୋଇଛି। ସ୍ଥାନୀୟ ଅଞ୍ଚଳର ମହିଳା ସମସ୍ତଙ୍କ ସହ ପରିଚିତ ହୋଇଥିବାରୁ ସେବା ଯୋଗାଇବାରେ ଅସୁବିଧା ହେବ ନାହିଁ। ତେଣୁ ଏହାର ତଦନ୍ତ କରାଯାଇ ପୁନଃ ଚୟନ ପ୍ରକ୍ରିୟା କରିବାକୁ ସାହିବାସିନ୍ଦା ଜିଲାପାଳଙ୍କୁ ଅବଗତ କରାଇଛନ୍ତି ।

**ପୁନଃ ଚୟନ ପାଇଁ ଜିଲାପାଳଙ୍କୁ ଭେଟିଲେ ସାହିବାସିନ୍ଦା**

# ପୂର୍ବତନ ବିଧାୟକ ପୂର୍ଣ୍ଣ ମାଝୀଙ୍କ ପରଲୋକ

**ରାୟଗଡ଼ା,୪।୧୧(ଆଶିଷ ରଞ୍ଜନ ପଣ୍ଡା)**



କୋରାପୁଟ ଜିଲା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀ ଓରଫ ପପୁ ମାଝୀ (୪୫)ଙ୍କ ସୋମବାର ରାତିରେ ଦେହାନ୍ତ ହୋଇଛି। ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମାଝୀ ଗତ କିଛି ମାସ ହେବ ଅସୁସ୍ଥ ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସ୍ତ୍ରୀ ମମତା ମାଝୀ, ଭଉଣୀ ଅନସୂୟା ମାଝୀ ଓ ଭାଇ ଦୀପୁ ମାଝୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିବା ଜଣାପଡ଼ିଛି। ସେ କଂଗ୍ରେସର ପୂର୍ବତନ ଟାଣୁଆ ନେତା ତଥା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ଅନନ୍ତରାମ ମାଝୀଙ୍କ ବଡ଼ ପୁଅ। ଅନନ୍ତରାମ ମୃତ୍ୟୁବରଣ କରିବା ପରେ ଉପନିର୍ବାଚନରେ ପୂର୍ଣ୍ଣ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ପୂର୍ଣ୍ଣଙ୍କ ମୃତ୍ୟୁ ଖବର ଶୁଣିବା ପରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।

# ରେଡକ୍ରସ ପାଣ୍ଠିରୁ କର୍କଟ ରୋଗୀଙ୍କୁ ସହାୟତା

**ରାୟଗଡ଼ା,୪।୧୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର ଜଣେ ମହିଳା ସନ୍ଧ୍ୟାରାଣୀ ରାଉତ କର୍କଟ ରୋଗରେ ପୀଡ଼ିତ ଥିବାବେଳେ ପତ୍ନୀଙ୍କ ଚିକିତ୍ସା ପାଇଁ ତାଙ୍କ ପାଖରେ ଅର୍ଥ ନ ଥିବା ନେଇ ତାଙ୍କ ସ୍ୱାମୀ ସୋମବାର ଏମ୍‌ପି ସପ୍ତଗିରି ଉଲାକାଙ୍କ ବାସଭବନକୁ ଯାଇଥିଲେ । ଏମ୍‌ପି ଉଲାକା ଅନୁପସ୍ଥିତ ଥିବାରୁ ତାଙ୍କ ବ୍ୟକ୍ତିଗତ ସଚିବ ବାପି ପଟ୍ଟନାୟକ ଏମ୍‌ପି ଉଲାକାଙ୍କ ସହିତ ଫୋନ୍‌ରେ କଥା ହୋଇ ସମସ୍ୟା ଜଣାଇଥିଲେ । ପରେ ଉଲାକା ବ୍ୟକ୍ତି ଜଣଙ୍କୁ ନେଇ ଜିଲାପାଳ ପାରୁଲ ପଟାୱରିଙ୍କୁ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଭେଟି ଆଲୋଚନା କରିଥିଲେ। ଏହାପରେ ଜିଲାପାଳ ମହିଳାଙ୍କ ସ୍ୱାମୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରିଥିଲେ । ଏମ୍‌ପି ସପ୍ତଗିରିଙ୍କ ଅନୁପସ୍ଥିତରେ ଯଦି କେହି ସହାୟତା ପାଇଁ ଆସନ୍ତି, ତାଙ୍କୁ କିଭଳି ସହଯୋଗ କରିହେବ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ରହିଥିବା ପିଏ ବାପି ପଟ୍ଟନାୟକ କହିଛନ୍ତି । ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସମସ୍ୟା ଶୁଣିବା ପରେ ତାଙ୍କୁ ସହାୟତା ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି।

# ମିଳୁନି ଆବାସ ଟଙ୍କା, ଜିଲାପାଳଙ୍କୁ ଭେଟିଲେ ଲାଞ୍ଜିଆ ସୌରା


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଲାଞ୍ଜିଆ ସୌରା ସମ୍ପ୍ରଦାୟର ପ୍ରତିନିଧି ଦଳ।

**ରାୟଗଡ଼ା,୪।୧୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ଲାଞ୍ଜିଆ ସୌରା ସମ୍ପ୍ରଦାୟ ଲୋକ ଆବାସ ଯୋଜନା ଟଙ୍କା ପାଇଁ ବର୍ଷେ ହେବ ଚାହିଁ ରହିଛନ୍ତି। ଦୀର୍ଘ ଏକ ବର୍ଷ ପୂର୍ବେ ଲାଡେ, ପୋଲ୍ଲୁର, ଅନଲିଙ୍ଗାର ଓ ୟାଲଇଡା ଗ୍ରାମର ୧୧୭ ଜଣ ଲାଞ୍ଜିଆ ସୌରା ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ଆବାସ ଯୋଜନା ବାବଦର ପ୍ରଥମ କିସ୍ତି ଟଙ୍କା ଆସିନାହିଁ। ସୋମବାର ଏ ନେଇ ସେମାନଙ୍କ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ସାକ୍ଷାତ କରି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ସେମାନେ କହିଛନ୍ତି, ୧୧୭ ଜଣଙ୍କୁ କାମ କୋଡ ପ୍ରଦାନ ହୋଇଛି, ହେଲେ ଜିଓ ଟ୍ୟାଗ ହୋଇନାହିଁ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଓ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ କେହି କର୍ଣ୍ଣପାତ ନ କରିବାରୁ ହିତାଧିକାରୀମାନେ ନାନା ସମସ୍ୟା ଭୋଗୁଥିବା କହିଛନ୍ତି। ପୁଟାସିଂ ସମିତି ସଭ୍ୟ ସଲମନ ଗମାଙ୍ଗଙ୍କ ନେତୃତ୍ୱରେ ୱାର୍ଡ ମେମ୍ବର ସିଲାଙ୍ଗି ଶବର ଓ ସନ୍ତୋଷମଣି ଶବର ତୁରନ୍ତ ଆବାସ ଯୋଜନା ପ୍ରଥମ କିସ୍ତି ଟଙ୍କା ପ୍ରଦାନ ପାଇଁ ଜିଲାପାଳଙ୍କୁ ଦାବି କରିଥିଲେ। ଅଭିଯୋଗ ପାଇବା ପରେ ଜିଲାପାଳ ପାରୁଲ ପଟାୱରୀ ଏହାର ଅନୁଧ୍ୟାନ କରି ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ ବୋଲି କହିଥିଲେ।

# ୫ ମାସ ପରେ ଘରକୁ ଫେରିଲେ ନାବାଳିକା

**ମୁନିଗୁଡ଼ା,୪।୧୧ (ନନ୍ଦକିଶୋର ପଟ୍ଟନାୟକ)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଶିବପଦର ନିକଟସ୍ଥ ଷ୍ଟେଶନ ଦହିଖାଲ ଅଞ୍ଚଳର ଜଣେ ନାବାଳିକା ତେଲଙ୍ଗାନାର ବାଲାପୁର ଥାନା ଅନ୍ତର୍ଗତ ସିକନ୍ଦରାବାଦ ଅଞ୍ଚଳକୁ ନିର୍ମାଣ ଶ୍ରମିକ ଭାବେ କାମ କରିବାକୁ ଯାଇ ଅପହୃତ ହୋଇଯାଇଥିଲେ। ଅପହରଣର ୫ମାସ ପରେ ରବିବାର ନାବାଳିକା ଜଣକ ସୁରକ୍ଷିତ ଭାବେ ମା'ବାପାଙ୍କ ସହ ଘରକୁ ଫେରିଛନ୍ତି। ଅପହରଣକାରୀଙ୍କୁ ସିକନ୍ଦରାବାଦ ପୋଲିସ ଗିରଫକରି ତଦନ୍ତ କରୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମୁନିଗୁଡ଼ା ବ୍ଲକ୍ ଦହିଖାଲ ଅଞ୍ଚଳର ଜଣେ ବ୍ୟକ୍ତି ଗତ ଫେବୃଆରୀରେ ନିଜ ୧୧ବର୍ଷର ଝିଅ ସହିତ ସିକନ୍ଦରାବାଦ ଅଞ୍ଚଳକୁ ନିର୍ମାଣ ଶ୍ରମିକଭାବେ କାମ କରିବାକୁ ଯାଇଥିଲେ। ଜୁନ୍ ୨୬ରେ ବାପା କାମକୁ ଯାଇଥିବା ସମୟରେ ଝିଅ କୌଣସି କାର୍ଯ୍ୟରେ ବାହାରକୁ ଯାଇ ମାଞ୍ଜା ସ୍କୁଲ ନିକଟରେ ଏକୁଟିଆ ଠିଆ ହୋଇଥିବାବେଳେ ଜଣେ ଦୁର୍ବୃତ୍ତ ଏକ କାର୍‌ରେ ଜବରଦସ୍ତ ତାଙ୍କୁ ଅପହରଣ କରି ନେଇଯାଇଥିଲେ। ଏ ନେଇ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଖବରପାଇ ବାପା ବାଲାପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୨୪୨/୨୦୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଝିଅକୁ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ବାପା ଘରକୁ ଫେରିଆସିଥିଲେ। ପରେ ଝିଅର ମା' ମୁନିଗୁଡ଼ା ଅଞ୍ଚଳର ଭାଜପା ନେତା ରାମଚନ୍ଦ୍ର ବେହେରାଙ୍କୁ ଭେଟି ଝିଅର ଅପହରଣ ବିଷୟ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିବେଦନ କରିଥିଲେ। ଭାଜପା ନେତା ବେହେରା ଝିଅର ମା'ଙ୍କୁ ନେଇ ତତ୍କାଳୀନ ରାୟଗଡ଼ା ଏସ୍‌ପି ହରିଶ ବିଶିଙ୍କୁ ଲିଖିତ ଭାବେ ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ନାବାଳିକାଙ୍କୁ ଉଦ୍ଧାର ପାଇଁ ଜଣାଇଥିଲେ। ତେଲଙ୍ଗାନା ପୋଲିସ ସହ ସମ୍ପର୍କ କରିବାକୁ ମୁଖ୍ୟମନ୍ତ୍ରୀ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅପହରଣସ୍ଥଳର ସିସି ଟିଭି ଫୁଟେଜ ଏବଂ ଗାଡ଼ି ନମ୍ବରକୁ ଆଧାରକରି ସ୍ଥାନୀୟ ପୋଲିସ ତଦନ୍ତ ଜୋର୍‌ଦାର କରିବା ଦେଖି ଅପହରଣକାରୀ ଭୟରେ ନାବାଳିକାଙ୍କୁ ବିଜୟୱାଡା ଷ୍ଟେଶନ ନିକଟରେ ଛାଡ଼ି ଚାଲି ଯାଇଥିଲେ। ଝିଅଟି ଅଜଣା ଜାଗା ଆଉ ଭାଷା ବୁଝିପାରୁ ନ ଥିବାରୁ କୃଷ୍ଣା ନଦୀ ନିକଟରେ ବୁଲୁଥିବା ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ଉଦ୍ଧାରମ୍‌କରି ସ୍ଥାନୀୟ ନିରାଶ୍ରୟ ଆଶ୍ରୟକେନ୍ଦ୍ର ପ୍ରଜ୍ୱଳା ହାଉସରେ ଆଣି ରଖିଥିଲେ। ସେଠାରେ ଥିବା ତତ୍ତ୍ୱାବଧାରକ ସିଷ୍ଟର ସୁଶୀଳା ମାଦାନୀ ଝିଅଟି ଓଡ଼ିଆ ହୋଇଥିବା ଜାଣିବା ପରେ ସମ୍ବଲପୁରରେ ଥିବା ତାଙ୍କ କେନ୍ଦ୍ର ପରିଚାଳିକା ସରିତାଙ୍କ ସହିତ ଯୋଗାଯୋଗ କରିଥିଲେ। ଝିଅଟି ମୁନିଗୁଡ଼ା ଅଞ୍ଚଳର ଜାଣିପାରି ସିଷ୍ଟର ସରିତା ମୁନିଗୁଡ଼ାର ପୂର୍ବତନ ସରପଞ୍ଚ ଜଗା ଶବର ଓ ଭାଜପା ନେତା ରାମଚନ୍ଦ୍ର ବେହେରାଙ୍କୁ ଜଣାଇବା ପରେ ଝିଅର ମା'ବାପା ସେଠାକୁ ଯାଇ ଝିଅକୁ ରବିବାର ମୁନିଗୁଡ଼ା ଆଣିଥିଲେ। ରବିବାର ସନ୍ଧ୍ୟାରେ ନାବାଳିକାଙ୍କ ସହ ପରିବାର ଲୋକେ ଭାଜପା ନେତା ରାମଚନ୍ଦ୍ର ବେହେରା ଭେଟି ଧନ୍ୟବାଦ ଜଣାଇବା ସହ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପୋଲିସ ପ୍ରଶାସନ, ସିକନ୍ଦରାବାଦର ବାଲାପୁର ପୋଲିସ ଟିମ୍‌କୁ କୃତଜ୍ଞତା ଜଣାଇଛନ୍ତି।

**କାମ କରିବାକୁ ଯାଇ ସିକନ୍ଦରାବାଦରେ ଅପହରଣ ଘଟଣା**

# ଆଦିବାସୀ ସଂଘ ପକ୍ଷରୁ ନୂଆ ବିଡିଓଙ୍କୁ ସ୍ୱାଗତ


ବିଡିଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମୁନିଗୁଡ଼ା,୪।୧୧ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ା ଆଦିବାସୀ ସଂଘ ତରଫରୁ ସୋମବାର ମୁନିଗୁଡାର ନୂତନ ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି। ଆଦିବାସୀ ସଂଘର ସଭାପତି ତ୍ରିପତି କିଲାକାଙ୍କ ନେତୃତ୍ୱରେ ବିଡ଼ିଓଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆଦିବାସୀଙ୍କ କଳା ସଂସ୍କୃତି କିପରି ଆହୁରି ଅଧିକ ପ୍ରଚାର, ପ୍ରସାର ହୋଇପାରିବ ସେ ନେଇ ଆଲୋଚନା କରିଥିଲେ । ବ୍ଲକରେ ପ୍ରତ୍ୟେକ କ୍ଷେତ୍ରରେ ସମାଜ କିଭଳି ଆଗକୁ ଉନ୍ନତି କରିବ ଏବଂ ବିଭିନ୍ନ ସାମାଜିକ କ୍ଷେତ୍ରରେ ସଂଘ ସବୁବେଳେ ସହଯୋଗ କରିବ ବୋଲି ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମାଜର ଉପେନ୍ଦ୍ର ସିକକା, ପ୍ରକାଶ କରସିକା, ସୁନ୍ଦର ସିକକା, ପାଇକ ଜାକାକ, ଅନନ୍ତ ନୁଣ୍ଡୁକାଙ୍କ ସମେତ ୧୭ଟି ଗ୍ରାମ ପଞ୍ଚାୟତର ଆଦିବାସୀ ସମାଜର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

# ଶତାଧିକ ଏକର ଚାଷ ନଷ୍ଟ କଲେଣି ବାର୍‌ହା

**ପାରଳାଖେମୁଣ୍ଡି,୪।୧୧(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ଗୋଷାଣୀ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବାର୍‌ହା ଉପଦ୍ରବ ବଢ଼ିବାରେ ଲାଗିଛି। ସଞ୍ଜ ହେଲେ ବାର୍‌ହା ପଲ ଚାଷ ଜମିରେ ପଶି ଧାନ ଫସଲକୁ ଉପାଡ଼ି ନଷ୍ଟ କରୁଛନ୍ତି । ବର୍ତ୍ତମାନ ଧାନରେ କ୍ଷୀର ଧରିବା ସମୟ ହୋଇଥିବାରୁ ଧାନ ଗଛଗୁଡ଼ିକ ନଷ୍ଟ ହେବାରେ ଲାଗିଛି । ଗୋଟିଏ ପଟେ ବର୍ଷା ଅଭାବରୁ ଜମିକୁ ଜଳସେଚନ ପାଇଁ ଚାଷୀ ଚିନ୍ତାରେ ଥିବା ବେଳେ ଏବେ ବାର୍‌ହା ଉପଦ୍ରବ ଚାଷୀଙ୍କୁ ସଙ୍କଟରେ ପକାଇଛି। ରାତିରେ ଚାଷୀମାନେ ବାରହା ଘଉଡାଇବା ପାଇଁ ଉଜାଗର ରହୁଛନ୍ତି। ଚାଷୀଙ୍କ ଅଭିଯୋଗ ପାଇ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଓ କର୍ମଚାରୀ ଗ୍ରାମାଞ୍ଚଳ ପରିଦର୍ଶନ କରି ବାର୍‌ହା କ୍ଷତି କରିଥିବା ଚାଷଜମିଗୁଡିକ ଅନୁଧ୍ୟାନ କରିଥିଲେ। ପରେ ଏନେଇ ବନାଞ୍ଚଳ ଅଧିକାରୀ ଅମିତ କହିଛନ୍ତି ଯେ, ଦରଖାସ୍ତ ଦେଲେ ଏହାକୁ ଆଧାର କରି ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଉଛି । ବାର୍‌ହା ଉପଦ୍ରବ ନେଇ ପୂର୍ବରୁ ଚାଷୀ ତଥା ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଛି। ଉଭୟ ବାର୍‌ହା ଓ ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ୭୭ ଅଭିଯୋଗ ଶୁଣିଲେ ଜିଲାପାଳ

**ରାୟଗଡ଼ା,୪।୧୧(ଆଶିଷ ରଞ୍ଜନ ପଣ୍ଡା)**



ଜିଲାପାଳ ଏସ୍‌ଏଚଜି ମହିଳାଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ, ୧୪ଟି ସାମୂହିକ ଏବଂ ୪ଟି ସରକାରୀ ସହାୟତା ଅଭିଯୋଗ ରହିଥିଲା। ସେହିଭଳି ରେଡକ୍ରସ ସହାୟତା ପାଇଁ ଗୋଟିଏ ଅଭିଯୋଗ ରହିଥିଲା। ଜିଲାପାଳ ପାରୁଲ ପଟାୱରି ଅଭିଯୋଗଗୁଡ଼ିକ ପାଇବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଏହାର ତର୍ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୩ ଅଭିଯୋଗ ସଙ୍ଗେସଙ୍ଗେ ପ୍ରକୋଷ୍ଠରେ ଫଇସଲା ହୋଇଥିଲା । ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସ୍ୱାଥି ଏସ୍.କୁମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ସିଡିଏମଓ ଡା. ଲାଲମୋହନ ରାଉତରାୟ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସରକାରୀ ସହାୟତା ବାବଦରେ ଅର୍ଥ ରାଶି ଚେକ୍ ପ୍ରଦାନ କରାଯାଇଥିଲା ।

# ଗୁଣପୁରର ବିଭିନ୍ନ ସ୍ଥାନରେ ନାମଯଜ୍ଞ

**ଗୁଣପୁର,୪।୧୧(ପ୍ରଦୀପ କୁମାର ପାଢ଼ୀ)**

ଧର୍ମ ମାସ କାର୍ତ୍ତିକ ଯୋଗୁ ରାୟଗଡ଼ା ଜିଲା ଗୁଣପୁର ସହରର ବିଭିନ୍ନ ସ୍ଥାନରେ ନାମ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଶାନ୍ତି ନଗରସ୍ଥିତ ମଣ୍ଡପ ପ୍ରାଙ୍ଗଣରେ ଅଷ୍ଟ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଟ୍ରେଜେରି ଅଫିସ ନିକଟ ରାଧାକୃଷ୍ଣ ମନ୍ଦିର, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିରରେ ମଧ୍ୟ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ଗୋପାଳ ନଗରଠାରେ ୪ ପ୍ରହର ନାମଯଜ୍ଞ ଆୟୋଜନ ହୋଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆବାଳ ବୃଦ୍ଧ ବନିତା ଯୋଗଦାନ କରି ହରିନାମ ଅମୃତମୟ କୃପାଲାଭ କରିଥିଲେ। ଫଳରେ ଏହିଅଞ୍ଚଳ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନାମଯଜ୍ଞ ସହ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା । ସୋମବାର ସକାଳେ ନଗର ଭ୍ରମଣ ଏଂ ଦଧିହାଣ୍ଡି ଭଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା ।

# ଖବର ପ୍ରକାଶ ପରେ ଘଟଣା ଚପାଇବାକୁ ଉଦ୍ୟମ

**ବିଷମକଟକ, ୪।୧୧(ପ୍ରସନ୍ନ କୁମାର ପଣ୍ଡା)**

**ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଆସୁ ନ ଥିବା ଘଟଣା**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ପାଇକ ଡାକୁଲୁଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିୟମିତ ମେଡିକାଲ ଆସୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର 'ଧରିତ୍ରୀ'ରେ 'ଡାକ୍ତର ଆସୁନାହାନ୍ତି, ଫାର୍ମାସିଷ୍ଟରେ ଚାଲିଛି ଚିକିତ୍ସା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ଡାକ୍ତର ଜିଲା ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ହାତକରି ଉକ୍ତ ଘଟଣାକୁ ଚପାଇବା ପାଇଁ ଉଦ୍ୟମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ମେଡିକାଲକୁ ଡାକ୍ତର ପ୍ରକାଶ ଚନ୍ଦ୍ର ଓଝା ନିୟମିତ ଆସୁ ନ ଥିବାବେଳେ କାର୍ଯ୍ୟରତ ଫାର୍ମାସିଷ୍ଟ ବୀରେନ୍ଦ୍ର ପାତ୍ର ରୋଗୀଙ୍କ ଚିକିତ୍ସା କରୁଥିବା ସମ୍ପର୍କରେ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲାଲମୋହନ ରାଉତରାଏଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଫାର୍ମାସିଷ୍ଟଙ୍କ ଦ୍ୱାରା ରୋଗୀସେବା ଚାଲିଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହିଁକି କୌଣସି ପଦକ୍ଷେପ ନିଆଯାଉନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଦି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ରାୟଗଡ଼ା ଜିଲାପାଳ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ଡାକ୍ତର ପ୍ରକାଶ ଚନ୍ଦ୍ର ଓଝାଙ୍କ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଅଫିସର ହରିହର ଟୁଡୁଙ୍କୁ ପଚାରିବାରୁ, ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଧାୟକ ନୀଳମାଧବ ହିକକାଙ୍କୁ ଜଣାଇବା ପରେ ସେ ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନାକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ପାଇକ ଡାକୁଲୁଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗୋପାଳକ

- ବଢୁଛି ଗାଈ ଚୋରି
- ଦୃଢ଼ ପଦକ୍ଷେପ ପାଇଁ ନିବେଦନ

**ରାୟଗଡ଼ା,୪।୧୧(ଆଶିଷ ରଞ୍ଜନ ପଣ୍ଡା)**


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗୋପାଳକମାନେ।

ରାୟଗଡ଼ା ସହରରେ ଗୋ-ତସ୍କରମାନେ ଲଗାତର ଭାବେ ଗାଈ ଚୋରି କରି ନେଉଛନ୍ତି। ଫଳରେ ଗୋପାଳନକରି ପରିବାର ଭରଣପୋଷଣ କରୁଥିବା ପରିବାରବର୍ଗ ଆର୍ଥିକ କ୍ଷତି ସହୁଛନ୍ତି। ଏ ନେଇ ସେମାନେ ଥାନାରେ ଅଭିଯୋଗକଲେ ମଧ୍ୟ ପୋଲିସ କୌଣସି ଦୃଢ଼ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଶେଷରେ ନିରାଶ ହୋଇ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କୁ ଭେଟି ଅଭିଯୋଗ କରିଥିଲେ । ଜିଲାପାଳ ପାରୁଲ ଉକ୍ତ ଅଭିଯୋଗକୁ ଏସ୍‌ପି ସ୍ୱାଥି ଏସ୍.କୁମାରଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ସ୍ୱାଥି ପ୍ରତିଶ୍ରୁତି ଦେଇଥିବା ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି।

ରାୟଗଡ଼ା ସହରରେ ବହୁ ଲୋକ ଗୋପାଳନକରି ପରିବାର ଭରଣପୋଷଣ କରୁଛନ୍ତି । ହେଲେ ଗତ କିଛିଦିନ ହେଲା ଦୁର୍ବୃତ୍ତମାନେ ରାତିରେ ସେମାନଙ୍କ ଗାଈ ଚୋରି କରିନେଉଛନ୍ତି । ଏଭଳିକି ଚୋରି ସମୟରେ ସିସି ଟିଭି ଫୁଟେଜ ମଧ୍ୟ ରହିଛି। ଏ ନେଇ ଗତ ଅକ୍ଟୋବର ୨୪ରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ. ୩୫୫ରେ ମାମଲା ରୁଜୁକରି ଘଟଣାର ତଦନ୍ତକରି କେତେଜଣ ଦୁର୍ବୃତ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ତଥାପି ଗୋରୁ ଚୋରି ବନ୍ଦ ହୋଇନାହିଁ ବୋଲି ଗୋପାଳକମାନେ ଅଭିଯୋଗ କରିଛନ୍ତି । ସେମାନଙ୍କ ଗାଈ ଚୋରି ହେବା ଦ୍ୱାରା ଆର୍ଥିକ କ୍ଷତି ସହିତ ପରିବାର ଭରଣପୋଷଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହି ଚୋରି ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ ସହିତ ଏହାର ସ୍ଥାୟୀ ସମାଧାନ କରିବାକୁ ଗୋପାଳକମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାବିତ୍ରୀ ବାହାଦୁର, ଅମ୍ବିକା ମେଲକା, ସନ୍ଧ୍ୟା ପଲେଇ, ଏସ୍.ବଳରାମ ଓ ରବି କୁମାରଙ୍କ ସମେତ ବହୁ ସଂଖ୍ୟାରେ ଗୋପାଳକମାନେ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀ ଅଭାବ

ମାଲକାନଗିରି,୪।୧୧(ଦୁର୍ଯ୍ୟୋଧନ ପାତ୍ର)



୨୦୧୮ ଜୁଲାଇରେ ମାଲକାନଗିରି ଜିଲାରେ ୭ ମହଲା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଚିକିତ୍ସାଳୟରେ ରୋଗୀଙ୍କ ନିମନ୍ତେ ୩୦୦ ଶଯ୍ୟା ଥିବା ବେଳେ ସମସ୍ତ ପ୍ରକାର ଆଧୁନିକ ଯନ୍ତ୍ରପାତି ମଧ୍ୟ ରହିଛି। କିନ୍ତୁ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ଲୋକେ ବାହାର ଜିଲା ଓ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। କେବଳ ଡାକ୍ତର ନୁହେଁ, ଷ୍ଟାଫ୍ ନର୍ସ, ସ୍ୱାସ୍ଥ୍ୟକର୍ମୀ ନର୍ସିଂ ଅଫିସରଙ୍କର ମଧ୍ୟ ଅଭାବ ରହିଛି। ଏହା କେବଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ନୁହେଁ, ଜିଲାର ୭ ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହି ଅଭାବ ରହିଛି। ଡାକ୍ତର ଅଭାବ ଯୋଗୁ ରୋଗୀ ବାଧ୍ୟହୋଇ କୋରାପୁଟ, ବ୍ରହ୍ମପୁର, ଭୁବନେଶ୍ୱର ଓ ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ବିଶାଖାପାଟଣା, ବିଜୟୱାଡ଼ା, ଗୁଣ୍ଟୁର, ତେଲଙ୍ଗାନାର ଖାମାମ, ଭଦ୍ରାଚଳମ ଓ ହାଇଦ୍ରାବାଦକୁ ଯାଉଛନ୍ତି।

ତେବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ ଜିଲାରେ ୩୮୨ ଡାକ୍ତର ରହିବା କଥା। କିନ୍ତୁ ୧୪୫ ଡାକ୍ତର ଥିବା ବେଳେ ୨୩୭ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ୯ ଜଣ ଦନ୍ତ ଚିକିତ୍ସକଙ୍କ ବଦଳରେ ୪ଜଣ ଥିବା ବେଳେ ୫ ପଦବୀ ଖାଲି ପଡ଼ିଛି। ସେହିପରି ଗ୍ରୁପ୍ ବି ଓ ସି ର ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିମନ୍ତେ ଦୁଇଟି ପଦବୀ ଥିବା ବେଳେ ତାହା ଖାଲି ପଡ଼ିଛି। ସହକାରୀ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ୧୨ ପଦବୀ ଖାଲି ପଡ଼ିଛି। ସେହିପରି ନର୍ସିଂ ଅଧିକାରୀ ୨୦୨ ମଞ୍ଜୁର ହୋଇଥିବା ବେଳେ ୧୮୩ କାର୍ଯ୍ୟରତ ଅଛନ୍ତି। ବରିଷ୍ଠ ନର୍ସିଂ ଅଧିକାରୀ ପଦବୀ ୧୫୯ ମଞ୍ଜୁର ହୋଇଥିବା ବେଳେ ସମ୍ପୂର୍ଣ୍ଣ ୧୫୯ ପଦବୀ ଖାଲିପଡ଼ିଛି। ଅତିରିକ୍ତ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ୭୨ ମଞ୍ଜୁର ହୋଇଥିବା ବେଳେ ଏହି ୭୨ ପଦବୀ ଖାଲି ପଡ଼ିଛି। ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପୁରୁଷ ୩୧ ମଞ୍ଜୁର ହୋଇଥିବା ବେଳେ ୧୮ କାର୍ଯ୍ୟରତ ୧୩ ପଦବୀ ଖାଲି ପଡ଼ିଛି। ସେହିପରି ମହିଳା ବିଭାଗ–୧ରେ ୧୨ ମଞ୍ଜୁର ହୋଇଥିବା ବେଳେ ସମସ୍ତ ପଦବୀ ଖାଲି ରହିଛି। ମହିଳା ବିଭାଗ–୨ରେ ୫୩ ପଦବୀ ମଞ୍ଜୁର ହୋଇଥିବା ବେଳେ ୧୩ କାର୍ଯ୍ୟରତ ୪୦ ପଦବୀ ଖାଲି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀ ଗୋଟିଏ ମଞ୍ଜୁର ହୋଇଥିବା ବେଳେ ଏହି ପଦବୀ ଖାଲି ପଡ଼ିଛି। ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀ ୭ ମଧ୍ୟରୁ ୫ ଖାଲି, କନିଷ୍ଠ ଏଲ୍‌ଟି (ମ୍ୟାଲେରିଆ) ୪ ଥିବାବେଳେ ୩ ଖାଲି, ସେକ୍ସନ ଅଧିକାରୀ ତଥା କୋଷାଧ୍ୟକ୍ଷ ପଦବୀ ୧ ମଞ୍ଜୁର ଥିବା ବେଳେ ତାହା ମଧ୍ୟ ଖାଲି ପଡ଼ିଛି। ସେହିପରି ଏସ୍‌ଟି ଆସିଷ୍ଟାଣ୍ଟ ୭ ପଦବୀ ମଞ୍ଜୁର ହୋଇଥିବା ବେଳେ ସମସ୍ତ ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟକର୍ମୀ (ମହିଳା) ୯୬ ପଦବୀ ମଞ୍ଜୁର ହୋଇଥିବା ବେଳେ ସମସ୍ତ ୯୬ ପଦବୀ ଖାଲି ପଡ଼ିଛି। ଭାଇଟାଲ ଷ୍ଟାଟିଷ୍ଟିକ ଆସିଷ୍ଟାଣ୍ଟ ୭ ପଦବୀରୁ

## ଚିକିତ୍ସା ପାଇଁ ବାହାର ଜିଲା ଉପରେ ନିର୍ଭର କରୁଛନ୍ତି ରୋଗୀ

ସମସ୍ତ ଖାଲି ପଡ଼ିଛି।

ଏହିପରି ଗ୍ରୁପ୍ ବି ଓ ସିର ବିଭିନ୍ନ ବିଭାଗର ମୋଟ ୧୦୯୮ ପଦବୀ ମଧ୍ୟରୁ ୬୨୯ କାର୍ଯ୍ୟରତ ଥିବା ବେଳେ ୪୬୯ ପଦବୀ ଖାଲି ପଡ଼ିଛି। ସେହିପରି ଗ୍ରୁପ୍ ଡିରେ ରୋଷେୟା ୧୬ ଜଣଙ୍କ ମଧ୍ୟରୁ ୮ ପଦବୀ ଖାଲି, ପିଅନ ୧୬ ରୁ ୮ ଖାଲି, ଆଟେଣ୍ଡାଣ୍ଟରେ ୮୪ ରୁ ୧୫ ଖାଲି, ସେହିପରି କ୍ଲିନର, ଚୌକିଦାର ଓ ଦପ୍ତରୀ ପଦବୀଗୁଡ଼ିକ ଗୋଟିଏ କିମ୍ବା ଦୁଇଟି ଥିବା ବେଳେ ଏହି ପଦବୀଗୁଡିକ ଖାଲି ପଡ଼ିଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ମଧ୍ୟରୁ କାଲିମେଲା ଓ ଏହା ଅଧୀନରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ ଡାକ୍ତରଙ୍କ ବଦଳରେ ମାତ୍ର ୧୭ ଅଛନ୍ତି। ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୨୪ ଡାକ୍ତର ବଦଳରେ ୧୦ ଅଛନ୍ତି। ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ବଦଳରେ ୯ ଡାକ୍ତର ଅଛି। କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ ଡାକ୍ତରଙ୍କ ବଦଳରେ ୯, ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୯ ଜଣଙ୍କ ବଦଳରେ ୧୭ ଡାକ୍ତର ଅଛନ୍ତି। ଖଇରପୁଟରେ ୨୪ଜଣଙ୍କ ବଦଳରେ ୧୨, ମାଥିଲି ସବ୍‌ଡିଭିଜନରେ ୫୪ଜଣଙ୍କ ବଦଳରେ ୧୮, କୁଡୁମୁଲୁଗୁମ୍ମାରେ ୨୪ ବଦଳରେ ୮ ଜଣ ରହିଛନ୍ତି।

ସେହିପରି ବାଲିମେଲା ଓ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନ ଥିବା ଯୋଗୁ ଏହି ସବୁ ଅଞ୍ଚଳର ରୋଗୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀ ସମ୍ପ୍ରଦାୟ ଲୋକମାନେ କିଛି ମାତ୍ରାରେ ପଡ଼ୋଶୀ ରାଜ୍ୟକୁ ଯାଉଥିବା ବେଳେ ଅଧିକାଂଶ ଲୋକ ଗୁଣିଆ ଓ ଦିଶାରୀଙ୍କ ଉପରେ ନିର୍ଭର କରୁଛନ୍ତି। ସେହିପରି କେତେକେ ମଧ୍ୟ ଭୁବନେଶ୍ୱର ଓ କଟକ ଭଳି ବଡ଼ ସହରକୁ ଯିବା ନିମନ୍ତେ ସମର୍ଥ ହୋଇପାରୁନାହାନ୍ତି। ଫଳରେ ବାଧ୍ୟହୋଇ ଲୋକମାନେ ବିଶାଖାପାଟଣା ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଜିଲାରେ ବଣ୍ଡାଘାଟି, ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ, ମାଥିଲି ଓ କାଲିମେଲା ଦୁର୍ଗମ ଅଞ୍ଚଳରୁ ପ୍ରତିଦିନ ଶତାଧିକ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି। ସରକାର ଏବଂ ଜିଲା ପ୍ରଶାସନ ଉକ୍ତ ସମସ୍ୟା ପ୍ରତି ଦୃଷ୍ଟିଦେଇ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତର ଓ ଅନ୍ୟାନ୍ୟ ପଦବୀ ପୂରଣ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାସଙ୍କୁ ପଚାରିବାରୁ ଜିଲାର ସ୍ୱାସ୍ଥ୍ୟ ବିଭାଗ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଉଛି ବୋଲି କହିଥିଲେ।

# ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା



ବୈଠକରେ ଭାଜପା କର୍ମକର୍ତ୍ତା ।

ମାଲକାନଗିରି,୪।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଭାଜପା କାର୍ଯ୍ୟାଳୟରେ ଜିଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମ୍ପାଦକ ସରୋଜ କର, ସମ୍ପାଦିକା ପୂର୍ଣ୍ଣିମା ନାୟକ, ରିଟର୍ନିଂ ଅଧିକାରୀ ଅରୁଣଭଞ୍ଜ ମିଶ୍ର, ଜିଲା ସଭାପତି ନିମାଇଁ ପାଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାମଲ ସୁନାନୀ, ଅଶୋକ ପରିଡ଼ା ଓ ଗୁରୁଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ସଭାପତି ଅତିଥି ପରିଚୟ ପ୍ରଦାନ କରିବାପରେ ନିର୍ବାଚନ ଅଫିସର ମିଶ୍ର ବକ୍ତବ୍ୟ ରଖିଥିଲେ। ଏହା ସହିତ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ ସଦସ୍ୟତା ଅଭିଯାନ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ କର ସଦସ୍ୟତା ଉପରେ ଆଲୋକପାତ କରିବା ସହିତ ଆଗକୁ ଆହୁରି ଅଧିକ ସଦସ୍ୟତା ନିମନ୍ତେ ପରାମର୍ଶ ଦେଇଥିଲେ । ଆଗକୁ କିପରି ଅଧିକରୁ ଅଧିକ ସଦସ୍ୟ ହୋଇପାରିବେ ତା ସହିତ ଯେଉଁମାନେ ଆକ୍ଟିଭ୍ ମେମ୍ବର ପାଇଁ ଅଛନ୍ତି ସେମାନଙ୍କୁ ମଣ୍ଡଳ ସଭାପତି ଓ ସଂଯୋଜକ ସାହାଯ୍ୟ କରିବା ପାଇଁ କହିଥିଲେ। ଯଦି ଜଣେ ନଭେମ୍ବର ୨୫ ପୂର୍ବରୁ ଆକ୍ଟିଭ୍ ମେମ୍ବର ହେବାକୁ ଚାହୁଁଛନ୍ତି ତା ହେଲେ ସେମାନେ ସର୍ବନିମ୍ନ ୫୦ ଜଣ ସକ୍ରିୟ ସଦସ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ବୈଠକରେ ଜିଲା ସମ୍ପାଦକ ମାଣିକ ଚକ୍ରବର୍ତ୍ତୀ, କୋଷାଧ୍ୟକ୍ଷ ସଞ୍ଜୟ ସରକାର, ଅକ୍ଷୟ କୁମାର ବିଶ୍ୱାଳ, ଭବାନୀ ମୁଖାର୍ଜୀ ଓ ୧୭ ମଣ୍ଡଳର ସମସ୍ତ ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏମ୍‌ପିଭି ୮୩ ଗ୍ରାମରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ




ମାଲକାନଗିରି,୪।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲାକାନଗିରି ଜିଲା ଏମ୍‌ପିଭି ୮୩ ଗ୍ରାମରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୭ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ମାତୃ ସମ୍ମିଳନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କୋଲକାତାରୁ ପୁରୁଷୋତ୍ତମଙ୍କ ସେବକ ଓ ଭକ୍ତ ଯୋଗ ଦେଇଥିଲେ। ପ୍ରତିବର୍ଷ ପରି ଏହି ବର୍ଷ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଖ ପାଖ ଅଞ୍ଚଳର ଲୋକେ ମଧ୍ୟ ଯୋଗ ଦେଇଥିଲେ। ଭକ୍ତମାନେ ଜନ୍ମ ଦିବସରେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କର ଫୋଟରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରି ବିଜୟ ମହାମନ୍ତ୍ର, ଗୁରୁ ବ୍ରହ୍ମା ମନ୍ତ୍ର ଆଦି ଉଚ୍ଚାରଣ କରାଯାଇଥିଲା। ପରେ ଗ୍ରାମରେ ନଗର କୀର୍ତ୍ତନ କରାଯାଇଥିଲା।

# ମାଲକାନଗିରିରେ ଡିସେମ୍ବର ୨୯, ୩୦ ରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ବାର୍ଷିକ ସମ୍ମିଳନୀ

ମାଲକାନଗିରି, ୪।୧୧(ଦୁର୍ଯ୍ୟୋଧନ ପାତ୍ର)



ନିଖିଳ ଓଡିଶା ଆଇନଜୀବୀ ସଂଘର କାର୍ଯ୍ୟକାରୀ ବୈଠକ ରବିବାର ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲ। ଏଥିରେ ୫୩ତମ ବାର୍ଷିକ ସମ୍ମିଳନୀ ମାଲକାନଗିରି ଲୟାର ଆସୋସିଏଶନ୍, ଅନୁଗୋଳ ବାର ଆସୋସିଏଶନ୍, ବରଗଡ ବାର୍ ଆସୋସିଏଶନ ତରଫରୁ ସମ୍ମିଳନୀ କରିବା ପାଇଁ ଆବେଦନ କରିଥିଲେ । ଏହି ତିନୋଟି ଆବେଦନକୁ ବିଚାରକୁ ନେଇ ଏହା ମାଲକାନଗିରିରେ ହେବା ପାଇଁ ନିଷ୍ପତି ନିଆଗଲା। ଡିସେମ୍ବର ୨୯ ଓ ୩୦ ଦୁଇଦିନ ମାଲକାନଗିରିରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି।

ମାଲାକନଗିରି ଜିଲା ସଂଘ ସଭାପତି ନୃସିଂହ ଚରଣ ମହାନ୍ତି କହିଛନ୍ତି, ଏହି ଉତ୍ସବକୁ ସଫଳ କରିବା ପାଇଁ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବାର୍ ଆସୋସିଏସନର ଆଇନଜୀବି ଓ ରାଜ୍ୟ ଆଇନଜୀବି ପରିଷଦର ସଭ୍ୟ ପିଟା ରମେଶ କୁମାର ପାତ୍ରଙ୍କ ସହ ଆଲୋଚନା କରି ଯେପରି ସଫଳ କରାଯିବ ସେ ନେଇ ଖୁବ ଶୀଘ୍ର ବୈଠକ ଡକାଯିବ । ଅଲ୍ ଓଡିଶାରେ ଥିବା ସମସ୍ତ ଓକିଲ ସଂଘଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନୀତ କରାଯିବ । ନଭେମ୍ବର ୮, ୯ ଓ ୧୦ ତିନିଦିନିଆ ଗସ୍ତରେ ରାଜ୍ୟ ନିଖିଳ ଓଡିଶା ଆଇନଜୀବି ସଂଘର ଏକ ପ୍ରତିନିଧି ଦଳ ମାଲକାନଗିରି ଗସ୍ତ କରି ସ୍ଥାନ ନିରୂପଣ, ସ୍ଥାନୀୟ ନେତା, ପ୍ରଶାସନ ଓ ଆଇନଜୀବିଙ୍କ ସହ ଆଲୋଚନା କରିବାର କା ର୍ଯ୍ୟକ୍ରମ ରହିଛି। ନିଖିଳ ଓଡିଶା ଆଇନଜୀବି ସଂଘ କାର୍ଯ୍ୟକାରୀ ବୈଠକରେ ମାଲକାନଗିରିରୁ ଲୟର ଆସୋସିଏଶନ ସଭାପତି ମହାନ୍ତି, ସମ୍ପାଦକ ଲମ୍ବୋଦର ଡୁରୁକ ଏବଂ ବାର୍ ଆସୋସିଏଶନ ସାଧାରଣ ସମ୍ପାଦକ ବିଜୁ ସରକାରଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟମାନେ ଉପସ୍ଥିତ ଥିଲେ।

ଏହି ବୈଠକରେ ଗତ ଅକ୍ଟୋବର ୨୯ ତାରିଖରେ ଉତ୍ତର ପ୍ରଦେଶ ଘାଜିଆବାଦରେ ଘଟିଥିବା କାର୍ଯ୍ୟରତ ଓକିଲମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣର ଘୋର ନିନ୍ଦା କରାଯିବା ସହିତ ଓକିଲମାନଙ୍କ ଏକତାକୁ ବଜାୟ ରଖିବା ପାଇଁ ୮ ନଭେମ୍ବରକୁ ପ୍ରତିବାଦ ଦିବସ ଭାବେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘ ତରଫରୁ ଉକ୍ତ ଦିବସକୁ ଓଡିଶାର ସମସ୍ତ ଆଇନଜୀବୀ କଳା ବ୍ୟାଚ ପରିଧାନକରି ପ୍ରତିବାଦ କରିବା ପାଇଁ ଅନୁରୋଧ କରାଯାଇଥିଲା। ରଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଜିଲାପାଳଙ୍କ ମାଧ୍ୟମରେ ଦେବାପାଇଁ ନିଷ୍ପତି ନିଆଯାଇଥିଲା। ୮ ନଭେମ୍ବର ପ୍ରତିବାଦ ଦିବସକୁ ମାଲକାନଗିରି ଆଇନଜୀବୀମାନେ ସମର୍ଥନ କରିବା ଲାଗି ଆସନ୍ତା ବୁଧବାର ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି ।

## ସଂକ୍ଷେପରେ

### ଜଳେଶ୍ୱର ଶୈବ ପୀଠରେ ଅଷ୍ଟପ୍ରହର

ଦଶମନ୍ତପୁର,୪।୧୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନ ବଦଲି କୁଡୁମା ଗାଁ ନିକଟସ୍ଥ ଜଳେଶ୍ୱର ଶୈବ ପୀଠରେ ପଳଜା ମନ୍ଦିର କିମିଟି ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଅଷ୍ଟପ୍ରହରୀ ଓ ନାମଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞ ସକାଳ ୬ ଘଣ୍ଟିକାରୁ ଆରମ୍ଭ ହୋଇଥିବା ବେଳେ ବ୍ଲକର ମୋଟ ୨୦ ସଙ୍କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ରବିବାର ଅଧିବାସ ସହ ଶ୍ରଦ୍ଧାଳୁମାନେ ସ୍ଥାନୀୟ ତ୍ରିବେଣୀ ନଦୀରୁ କଳସ ଯାତ୍ରାରେ ମନ୍ଦିର ପୀଠରେ ପହଞ୍ଚି ଥିବା କମିଟି ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ବାଣୁଆଗୁଡା ନିବାସୀ ପ୍ରହଲ୍ଲାଦ ପ୍ରଧାନୀ ଏବଂ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। କାର୍ଯ୍ୟକ୍ରମରେ ପୂଜା ମନ୍ଦିର କମିଟିର ସଦସ୍ୟ କୃପାସିନ୍ଧୁ ବାଣୁଆ, ଶତ୍ରୁଘ୍ନ ଡାକୁଆ, ଚନ୍ଦ୍ର ଶେଖର ବାଣୁଆ, ପୂଜକ ବଂଶୀଧର ଖାଡଙ୍ଗା,ଗୋବିନ୍ଦ ମାଝି, ଦେବରାଜ ଗୌଡ, ଅର୍ଜ୍ଜୁନ ଗୌଡଙ୍କ ସମେତ ବଦଳି କୁଡୁମା ଓ ବାଣୁଆଗୁଡ଼ା ଆଦି ଗ୍ରାମର ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

### ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୪।୧୧(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ସୋମବାର ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଝିଲିମିଲିଗୁଡାର ରାମ ଚନ୍ଦ୍ର ଗାଦବା। ଝିଲିମିଲିଗୁଡା ଗ୍ରାମ ରାସ୍ତାରେ ଚଢାଉ କରି ୯ ଲିଟର ଦେଶୀ ମଦ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର,୪।୧୧(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ



ଜନଶୁଣାଣି ଶିବିରରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର,ଏବିଡିଓ ମନୋଜ ନାୟକ, ଜିପିଓ ଭାଗିରିଥୀ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍.ନିଶା ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା,ଏପିଓ ସନ୍ତୋଷି ମହାପାତ୍ର, ସରପଞ୍ଚ ଯମୁନା ପୂଜାରିଙ୍କ ସହ ଅନ୍ୟ ଲାଇନର ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ରାସ୍ତା ମରାମତି, ଅଙ୍ଗନୱାଡୀ କେନ୍ଦ୍ରର ମରାମତି ନେଇ ବିଭିନ୍ନ ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମବାସୀ ଅଧିକାରୀମାନଙ୍କୁ ସମସ୍ୟା ଜଣାଇଥିଲେ। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା। ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।

## ପଟ୍ଟାଙ୍ଗି ବିଧାୟକଙ୍କୁ ସମ୍ବର୍ଦ୍ଧନା

ସୁନାବେଡା/ସେମିଳିଗୁଡା ୪।୧୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାକଝୋଲା ପଞ୍ଚାୟତର ଉପର ମାନିଆରେ ପଟ୍ଟାଙ୍ଗି ବିଧାୟକ ତଥା ବିରୋଧୀ ଦଳ ନେତା ରାମ ଚନ୍ଦ୍ର କାଡାମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଓଷ୍ଟା ଜିଲା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ନୂତନ ଅନୁଦାନ ପାଉଥିବା ବିଦ୍ୟାଳୟର କୌଣସି ଶିକ୍ଷକ ଓ କର୍ମଚାରୀ ଅବସର ନେଲେ ସେମାନଙ୍କୁ କୌଣସି ଅବସରକାଳୀନ ମାସିକ ଭତ୍ତା ମିଳେ ନାହିଁ ବୋଲି ବିଧାୟକଙ୍କୁ କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ସହ ଅନୁଦାନରୁ ବଞ୍ଚିତ ୧୯୪ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଅନୁଦାନ ମିଳିପାରିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ।

# ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକ।

ସୁନାବେଡା/ସେମିଳିଗୁଡା,୪।୧୧(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାକଝୋଲା ପଞ୍ଚାୟତ ଅଧିନ ଉପର ମାନିଆ ଜୟପ୍ରକାଶ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଚୈତନ୍ୟ ପ୍ରସାଦ ନାୟକଙ୍କୁ ସ୍କୁଲ ପକ୍ଷରୁ ଅବସରକାଳୀନ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କଡାମ ଶିକ୍ଷକ ପ୍ରସାଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ସେ ଜଣେ ମେଳାପୀ,କର୍ତ୍ତବ୍ୟ ନିଷ୍ଠା ଓ ଜଣେ ଦକ୍ଷ ଶିକ୍ଷକ ଭାବେ ଜଣାଶୁଣା ବୋଲି କହିଥିଲେ। ସଭାରେ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ବାରିକ, ସଦାଶିବ ବାରିକ, ଆନନ୍ଦ କୁଲଦୀପ, ଓଷ୍ଟା ସଭାପତି ସୁଶାନ୍ତ କୁମାର ଖୁଣ୍ଟିଆ, ବଳଭଦ୍ର ନାୟକ,ବାଞ୍ଛାନିଧି ଶ୍ରୀହରିଆ, ଓଷ୍ଟା ଜିଲା ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଭାବେ ନାୟକ ଦୀର୍ଘ ୩୧ ବର୍ଷ ଦୁଇ ମାସ ନିରବଚ୍ଛିନ୍ନ ଶିକ୍ଷକତା କରି ଆସିଛନ୍ତି ବୋଲି ପ୍ରଧାନ ଶିକ୍ଷକ ବାରିକ କହିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଜନଶୁଣାଣି ବେଳେ ମହୁମାଛି ଆକ୍ରମଣ, ୧୭ ଆହତ

କୁନ୍ଦୁରା,୪।୧୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗୁଣ୍ଡାଳ ପଞ୍ଚାୟତରେ ହୋଇଥିବା ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିରରେ ମହୁମାଛି ଆକ୍ରମଣ ହୋଇଛି। ଏଥିରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପପେୟା ବେହେରା ଓ ପଞ୍ଚାୟତ କୃଷି ଅଧିକାରୀ ଗୀତାଞ୍ଜଳି ତ୍ରିପାଠୀ ଗୁରୁତର ହୋଇଛନ୍ତି। ସେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆହତମାନଙ୍କ ମଧ୍ୟରେ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି,ଖବରଦାତା ସନ୍ତୋଷ ପ୍ରହରାଜ, ଯଶୋଦା କମାର, ରୁକ୍ମଣୀ ଖିଲ,ସାମୁଏଲ ହରିଜନ, ସଞ୍ଜୟ ନାଗ,ଶ୍ରୀରାମ ମହୁରିଆ, ମାଧବ ଗୁନ୍ଥା,ସୁଧୀର ମାଛ, ରମେଶ କୁମାର ଜେନା,ରାଜେଶ ପାଙ୍ଗି,ଉର୍ମିଳା ମହୁରିଆ ଓ ପ୍ରହଲାଦ ମହୁରିଆ ପ୍ରମୁଖ ରହିଛନ୍ତି।

ସୋମବାର ଗୁଣ୍ଡାଳ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବ୍ଲକର ବିଭାଗୀୟ ଅଧିକାରୀ ଅଭିଯୋଗ ଶୁଣୁଥିଲେ। କାର୍ଯ୍ୟକ୍ରମ ସରିବା ପରେ ବିଭାଗୀୟ ଅଧିକାରୀ ଯିବାକୁ ବାହାରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରଥମେ ବାହାରକୁ ଆସିଥିଲେ ଅତିରିକ୍ତ ଶିକ୍ଷା ଅଧିକାରୀ ବେହେରା। ତାଙ୍କୁ ପ୍ରଥମେ ମହୁମାଛି ଆକ୍ରମଣ କରିଥିଲେ। ସେ ଦୌଡ଼ି କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ପିଛା ଛାଡ଼ି ନ ଥିଲେ। କିନ୍ତୁ ସେଠାରେ କବାଟ ବନ୍ଦ କରି ଗୋଟିଏ ଝରକା ଖୋଲା ରଖିବାରୁ ମହୁମାଛି ସବୁ ବାହାରକୁ ଚାଲି ଯାଇଥିଲେ। ୩୦ ମିନିଟ ପରେ ସମସ୍ତ ଅଧିକାରୀ ଯିବାକୁ ବାହାରିଥିଲେ। ବାହାରିବାପରେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୭୦/୮୦ ମିଟର ଦୂରରେ ଥିବା ପାଣିଟାଙ୍କିରୁ ମହୁମାଛି ଆସି ପ୍ରଥମେ ବେହେରା ଓ ପରେ ଆଉ ୧୪ ଜଣଙ୍କୁ ଆକ୍ରମଣ କରିଛନ୍ତି। ସେଥିରେ ୧୧ ପୁରୁଷ, ୪ ମହିଳା ଅଧିକାରୀ ଓ ସର୍ବସାଧାରଣ ରହିଛନ୍ତି। ଅନ୍ୟମାନଙ୍କୁ ପାଞ୍ଚରୁ ଦଶଟା ଭିତରେ ମାଛି ଆକ୍ରମଣ କରିଥିବା ବେଳେ ବେହେରାଙ୍କୁ ପ୍ରାୟ ଶହେ ମାଛି ଆକ୍ରମଣ କରିଛନ୍ତି। ଅନ୍ୟ ସମସ୍ତେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଘରକୁ ଫେରିଥିବା ବେଳେ ବେହେରା ଓ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କ ସ୍ତ୍ରୀ ପଞ୍ଚାୟତ କୃଷି ଅଧିକାରୀ ତ୍ରିପାଠୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଡାକ୍ତର ଗଣେଶ ପ୍ରସାଦ ଦାସ କହିଛନ୍ତି। ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋଇ ଏବଂ ବରିଷ୍ଠ ନେତା ବଦ୍ରି ନାରାୟଣ ଆଚାର୍ଯ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।




# ଓଡ଼ିଶା ସୀମାନ୍ତ ଗ୍ରାମରେ ପଶି ପାହାଡ଼କୁ ଜିପିଏସ୍ ସର୍ଭେ କରୁଛି ଆନ୍ଧ୍ର

ପଟ୍ଟାଙ୍ଗି,୪।୧୧(ଶରତ ଧଳ)



ପଡୋଶୀ ଆନ୍ଧ୍ର ଓଡ଼ିଶା ତଥା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତର ବିଭିନ୍ନ ସୀମାନ୍ତ ଗ୍ରାମକୁ ଅନୁପ୍ରବେଶ କରି ସରକାରୀ ଯୋଜନାକୁ କାର୍ଯ୍ୟକରି ଲୋକଙ୍କୁ ନିଜ ଆଡକୁ ଟାଣୁଥିବା ଜାରି ରଖିଛି। କିନ୍ତୁ ଏହିପରି ସ୍ଥିତିରେ ଉକ୍ତ ପଞ୍ଚାୟତରେ ଅନୁପ୍ରବେଶ ଖାଲି ସୀମିତ ରହିନାହିଁ ଓଡ଼ିଶାର ଅନ୍ୟ ସୀମାନ୍ତ ଗ୍ରାମରେ ବି ଲୁଚିଛପି ପ୍ରବେଶ କରି ଜିପିଏସ୍ ସର୍ଭେ ମାଧ୍ୟମରେ ନିରୀହ ଲୋକଙ୍କ ଜମି, ଜଳ ଓ ଜଙ୍ଗଲକୁ ଅକ୍ତିଆର କରିବାରେ ଚକ୍ରାନ୍ତ ଆରମ୍ଭ କରିଥିଲେ ମଧ୍ୟ ଓଡ଼ିଶାର ପ୍ରଶାସନିକ ଅଧିକାରୀମାନଙ୍କ ନିକଟରେ ଖବର ଅଛି କି ନାହିଁ ଏ ନେଇ ଅନେକ ପ୍ରଶ୍ନ ଉଠିଛି। ପଟ୍ଟାଙ୍ଗି ବ୍ଲକଠାରୁ ୬ କିଲୋମିଟର ଦୂରରେ ଥିବା ଦାନ୍ଦୁଗୁଡା ଗ୍ରାମରେ ମୋଟ ୨୮ ଘର ଥିବା ବେଳେ ଗ୍ରାମବାସୀ ନିକଟରେ ଥିବା ପାହାଡ଼ ଏବଂ ଜଙ୍ଗଲଜମି ଉପରେ ନିର୍ଭର କରିବା ସହ ରୋଜଗାର କରିଥାନ୍ତି। ୬ ମାସ ପୂର୍ବେ କେତେକ ଲୋକ ୨ ରୁ ୩ଟି ଗାଡ଼ିରେ ଆସି ତେଲୁଗୁ ଭାଷାରେ କଥାବାର୍ତ୍ତା ହେବା ସହ ଗ୍ରାମ ନିକଟରେ ଥିବା ଚାଷଜମିରୁ ଆରମ୍ଭ କରି ପାହାଡ଼ର ଫଟୋ ମୋବାଇଲ କ୍ୟାମେରାରେ ଉଠାଇ ଫେରି ଯାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ପୁଣି ବର୍ତ୍ତମାନ ଏକ ମାସ ପୂର୍ବେ ୨ଟି ଗାଡ଼ିରେ କେତେକ ଲୋକ ପହଞ୍ଚି ମୋବାଇଲରେ ଫଟୋ ଉଠାଉଥିବା ଦେଖି ପଚାରିବାରୁ ଏହା ଜିପିଏସ୍ ସର୍ଭେ କରାଯାଉଥିବା ସହ ଆମେ ଆନ୍ଧ୍ରରୁ ଆସିଛୁ କହିଥିଲେ ବୋଲି ଗଣମାଧ୍ୟମ ନିକଟରେ ଗ୍ରାମବାସୀ କହିଛନ୍ତି। ଗ୍ରାମକୁ ଏହିପରି ଅଜଣା ବ୍ୟକ୍ତିଙ୍କ ଅନୁପ୍ରବେଶକୁ ଦେଖି ଆମେ ଭୟଭୀତ ଥିବା ସହ ଆମେ ନିର୍ଭର କରୁଥିବା ଜଙ୍ଗଲଜମି ହାତରୁ ଚାଲିଯିବା ନେଇ ଚିନ୍ତାରେ ଅଛୁ ବୋଲି ସେମାନେ କହିଛନ୍ତି।

## ଜୀବିକା ହରାଇବା ନେଇ ଚିନ୍ତାରେ ଗ୍ରାମବାସୀ

ସୂଚନାଯୋଗ୍ୟ, ଉକ୍ତ ଗ୍ରାମକୁ ୧୫ ବର୍ଷ ପୂର୍ବେ ୩ ପରିବାରକୁ ସରକାରୀ ସ୍ତରରେ ଘର ଯୋଗାଇ ଦିଆଯାଇଥିଲା। ସେହିପରି ଗ୍ରାମବାସୀଙ୍କ ନିଜସ୍ୱ ଜମି ନ ଥିବା ବେଳେ ବ୍ରିଟିଶ ଅମଳରେ ଗ୍ରାମରେ ବସବାସ କରୁଥିବା ସୁଲେଜା ନାମକ ପରିବାର ଛାଡ଼ି ଯାଇଥିବା ଜମି ଉପରେ ଦାନ୍ଦୁଗୁଡା ଗ୍ରାମବାସୀ ଜୀବନ ଜୀବିକା ନିର୍ବାହ କରୁଥିବା ବେଳେ ଏମାନଙ୍କ ପାଇଁ ସରକାରୀ ଯୋଜନା ଏକ ପ୍ରକାର ସ୍ୱପ୍ନ ହୋଇ ରହିଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ ଘଟଣାକୁ ନେଇ କୌଣସି ସୂଚନା ନ ଥିବା ବେଳେ ଏହାକୁ ନେଇ ମୁଁ ତଦନ୍ତ କରିବି ବୋଲି କହିଛନ୍ତି।

# ନଭେମ୍ବର ୨୦ରେ ମଣ୍ଡେଇ ମଶାଲ ଶୋଭାଯାତ୍ରା

■ ଧଣ୍ଡରା ପର୍ବତ ଶିଖରସ୍ଥ ଝଡ଼େଶ୍ୱର ଶିବ ମନ୍ଦିରରୁ ବାହାରିବ ମଶାଲ

■ ସ୍ଥାନ ନିରୀକ୍ଷଣ କଲେ ବିଧାୟକ, ଅଧିକାରୀ

ନନ୍ଦାହାଣ୍ଡି, ୪।୧୧ (ପ୍ରତୀପ କୁମାର ଦାଶ)



ବିଧାୟକ, ଅନ୍ୟ ଲୋକପ୍ରତିନିଧି ଓ ଅଧିକାରୀମାନେ ସ୍ଥାନ ନିରୀକ୍ଷଣ କରିବାକୁ ଯାଉଛନ୍ତି।

ନବରଙ୍ଗପୁର ଜିଲା ସାଂସ୍କୃତିକ ମହୋତ୍ସବ ଗଣପର୍ବ ମଣ୍ଡେଇ ଡିସେମ୍ବର ୬ ଆରମ୍ଭ ହେବ। ନଭେମ୍ବର ୨୦ରେ ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପର୍ବତ ଶିଖରରେ ଥିବା ଝଡ଼େଶ୍ୱର ଶିବ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରିବ। ଏହାର ସଫଳ ରୂପାୟନ ନେଇ ଏକ ପ୍ରସ୍ତୁତି ବୈଠକ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼ ସମସ୍ତ ନିର୍ବାଚିତ ଜନପ୍ରତିନିଧି, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଡ ବନମାଳୀ ମେହେରଙ୍କ ସମେତ ପ୍ରତି ବିଭାଗରୁ ସରକାରୀ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯିବା ସହ ୧୦ ଗୋଟି କମିଟି ଗଠନ ହୋଇଛି। କମିଟି ସଦସ୍ୟ ନିଜ ନିଜ ଦାୟିତ୍ୱ ସଠିକ ଭାବରେ ତୁଲେଇବାକୁ ପ୍ରତିଶ୍ରୁତି ଦେଇଥିଲେ। ନନ୍ଦାହାଣ୍ଡି ନବରଙ୍ଗପୁର ବିଧାୟକଙ୍କର ନିଜ ବ୍ଲକ ହୋଇଥିବାରୁ କାର୍ଯ୍ୟକ୍ରମକୁ ଭବ୍ୟ ଏବଂ ମହାଆଡମ୍ବରରେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ କଳାକାରଙ୍କୁ ନେଇ ଜାତି, ଧର୍ମ , ଦଳ ନିର୍ବିଶେଷରେ ଆଦିବାସୀ କଳା, ସଂସ୍କୃତି , ଐତିହ୍ୟ, ପରମ୍ପରାକୁ ପ୍ରାଧାନ୍ୟ ଦିଆଯାଇ କାର୍ଯ୍ୟକ୍ରମ କରାଯିବ ବୋଲି ବିଧାୟକ ମାଝୀ କହିଛନ୍ତି। ପ୍ରସ୍ତୁତି ବୈଠକ ପରେ ବିଧାୟକ, ଅନ୍ୟ ଲୋକ ପ୍ରତିନିଧି ଓ ଅଧିକାରୀମାନେ ଧଣ୍ଡରା ପର୍ବତ ନିକଟକୁ ଯାଇ ସ୍ଥାନ ନୀରିକ୍ଷଣ କରିଥିଲେ। ସେଠାରେ ସମସ୍ତ ପ୍ରକାର ସୁବିଧା କିଭଳି ଯୋଗେଇ ଦିଆଯିବ ସେ ନେଇ ଆଲୋଚନା ହୋଇଛି।

# ସମସ୍ୟା ଶୁଣିଲେ, ଭିତ୍ତିଭୂମି ସମ୍ପର୍କରେ ବୁଝିଲେ

ଧୋଡ୍ରା, ୪।୧୧ (ଗଣେଶ ଚନ୍ଦ୍ର ଛତ୍ର)

## ବିଧାୟକଙ୍କ ଝରିଗାଁ ବ୍ଲକ୍ ବକଡ଼ାବେଡ଼ା ପଞ୍ଚାୟତର ବିଭିନ୍ନ ସ୍କୁଲ ପରିଦର୍ଶନ

ଝରିଗାଁ ବିଧାୟକ ନରସିଂହ ଭତରା ସୋମବାର ଝରିଗାଁ ବ୍ଲକ୍ ବକଡ଼ାବେଡ଼ା ପଞ୍ଚାୟତର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ସ୍କୁଲ ପ୍ରଧାନ ଶିକ୍ଷକମାନଙ୍କ ସହ ବିଭିନ୍ନ ସମସ୍ୟା ଉପରେ ବିଧାୟକ ଆଲୋଚନା କରିଛନ୍ତି।

ବିଧାୟକ ପ୍ରଥମେ ବକଡ଼ାବେଡ଼ାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ବିଦ୍ୟାଳୟର ଭିତ୍ତିଭୂମି ସବୁ ବୁଲି ଦେଖିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଖେଳ ସାମଗ୍ରୀ ସବୁ ଷ୍ଟୋର ରୁମ୍‌ରେ ଏଣେତେଣେ ବିଛେଇ ହୋଇପଡ଼ିଥିବା ଦେଖି ସେସବୁକୁ ସଜାଡି ରଖିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ତାଗିଦ କରିଥିଲେ। ସେଠାରୁ ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ପ୍ରଧାନ ଶିକ୍ଷକଙ୍କ ସହ ବିଦ୍ୟାଳୟ ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ଶୌଚାଳୟ ଓ ପରିସ୍ରାଗାର ନ ଥିବା ଯୋଗୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରଧାନ ଶିକ୍ଷକ ବିଧାୟକଙ୍କୁ ଜଣାଇଥିଲେ। ସ୍କୁଲରେ ଥିବା ପୁରୁଣା ଗୃହ ସବୁ ଭାଙ୍ଗିଦେବା ଓ ଟ୍ୟାପ୍ ପାଣିର ବ୍ୟବସ୍ଥା କରିଦେବା ପାଇଁ ପ୍ରଧାନ ଶିକ୍ଷକ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବିଧାୟକ କେତେଜଣ ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ଇଂଲିଶ ବହି ପଢ଼ିବାକୁ କହିଥିଲେ। ସ୍କୁଲ ପରିଦର୍ଶନ ସାରି ବିଧାୟକ ୫-ଟି ସ୍କୁଲ ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନରେ ପହଞ୍ଚିଥିଲେ। ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ପଞ୍ଚାୟତରେ ହେରଫେର ହେଉଥିବା ଅଭିଯୋଗ ଶୁଣିବା ପରେ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଧୋଡ୍ରା ମଣ୍ଡଳ ସଭାପତି ମନୁରାମ ଭତରା, ପଞ୍ଚାୟତ ସଭାପତି ଶିବ ଭତରା, ପୀତାମ୍ବର ମାଝୀ, ରଞ୍ଜିତ ଖୁରା, ଭଜନ କଲାର, ଯୁଗସାଏ କଲାର, ସହଦେବ ପନକା ପ୍ରମୁଖ ଉପସ୍ଥିତ ଥିଲେ।



ବକଡ଼ାବେଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଧାୟକ ସ୍କୁଲ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି।

## ସଂକ୍ଷେପରେ

### ଗାର୍ଡ ପୋଷ୍ଟରେ ପିଟିହୋଇ ଚାଲିଗଲା ଯୁବକଙ୍କ ଜୀବନ

ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର

ଡାବୁଗାଁ, ୪।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବଡ଼ଓଲମା ଗ୍ରାମ ନିକଟ ଅଙ୍ଗୀନଦୀ ପୋଲ ପାଖରେ ରବିବାର ରାତିରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତ ଯୁବକ ହେଲେ କୋଷାଗୁମୁଡ଼ା ଥାନା ଅଧୀନ ବଡ଼ଶିରିଶିରିଆଗୁଡ଼ା ଗ୍ରାମର ମଧୁ ଭତ୍ରା (୨୨)। ଏହି ଦୁର୍ଘଟଣାରେ ଗାଁର ନବୀନ ଭତ୍ରା (୨୧) ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ମଧୁ ଓ ନବୀନ କାମ ସାରି ରବିବାର ରାତିରେ ସ୍କୁଟି (ଓଡି-୧୦ଏମ୍-୧୯୮୨)ରେ ଘରକୁ ଫେରୁଥିଲେ। ଏହି ସମୟରେ ବଡ଼ଓଲମା ଗ୍ରାମ ନିକଟ ଅଙ୍ଗୀ ନଦୀ ପୋଲ ପାଖରେ ଭାରସାମ୍ୟ ହରାଇ ସେମାନେ ଗାର୍ଡପୋଷ୍ଟରେ ପିଟି ହୋଇଥିଲେ। ସ୍କୁଟି ଚାଳକ ମଧୁଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ନବୀନ ଛିଟିକି ପଡ଼ି ଆହତ ହୋଇଥିଲେ। ଖବରପାଇ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମଧୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଡାବୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବିଳମ୍ବିତ ରାତିରେ ମୃତକଙ୍କ ବାପା ଲକିନାଥ ଭତ୍ରା ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ସୋମବାର ସକାଳେ ଥାନା ଏଏସ୍ଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୦୪/୨୪ରେ ଏକ ମାମଲା ରୁଜୁ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ପୋଲିସ ଜବତ କରିଛି।

# ୫୬ ବ୍ୟକ୍ତିଗତ, ୯ ସାମୂହିକ ଅଭିଯୋଗର ଶୁଣାଣି




ଅଧିକାରୀମାନେ ଭଗବତୀ ନାୟକଙ୍କୁ ଶିକ୍ଷା ସହାୟତା ରାଶି ପ୍ରଦାନ କରୁଛନ୍ତି।

ନବରଙ୍ଗପୁର,୪।୧୧ (ସଦାଶିବ ପ୍ରହରାଜ)

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ହିତାଧିକାରୀଙ୍କୁ ସହାୟତା

ନବରଙ୍ଗପୁର ପୌର ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଶୁଭଙ୍କର ମହାପାତ୍ର ଓ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ମିଶ୍ର, ଆଇଟିଡିଏ ପିଏ ରାଜୀବ କୁମାର ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୬୫ଜଣ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ସମସ୍ୟା ରହିଥିଲା। ଯୋଗ୍ୟ ପଞ୍ଜୀକୃତ ହିତାଧିକାରୀଙ୍କୁ ଜିଲାପାଳ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ରାଶି ପ୍ରଦାନ କରିଛନ୍ତି। ୪୩୧ ହିତାଧିକାରୀଙ୍କୁ ୧ କୋଟି ୨୧ ଲକ୍ଷ ୭୦ ହଜାର ୮ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ୪୮ ଜଣଙ୍କୁ ୨୪ ଲକ୍ଷ ଟଙ୍କା ବିବାହ ସହାୟତା, ୫୯ଙ୍କୁ ୫ ଲକ୍ଷ ୯୦ ହଜାର ଟଙ୍କା ପ୍ରସୂତିକାଳୀନ ସହାୟତା, ୨୩୧ଙ୍କୁ ୯ ଲକ୍ଷ ୬୫ ହଜାର ଟଙ୍କା ଶିକ୍ଷା ସହାୟତା, ୪୦ ଜଣଙ୍କୁ ୮୦ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା, ୪୩ ଜଣଙ୍କୁ ୨ ଲକ୍ଷ ୧୫ ହଜାର ଟଙ୍କା ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଡିବିଟି ମାଧ୍ୟମରେ ବଣ୍ଟନ କରାଯାଉଛି। ଶିବିରରେ ଜିଲାପାଳ ଓ ଏସ୍‌ପି ପାର୍ବତୀ ଗୌଡ଼ ଓ ଖେମା ଭତରାଙ୍କୁ ବିବାହ ସହାୟତା ୫୦ ହଜାର ଟଙ୍କା ଲେଖାଏ, ଧନୁର୍ଜୟ ଭତରା ଓ ସୁନାଦେଈ ଆମନାତ୍ୟଙ୍କୁ ମୃତ୍ୟୁକାଳୀନ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୨ ଲକ୍ଷ ୫ ହଜାର ଟଙ୍କା ଲେଖାଏ, ଭଗବତୀ ନାୟକଙ୍କୁ ଶିକ୍ଷା ସହାୟତା ୪୦ ହଜାର ଟଙ୍କା, ସବିତା ଟାକ୍ରି ଓ ମଞ୍ଜୁଳା ମାଳିଙ୍କୁ ମାତୃତ୍ୱ କାଳୀନ ସହାୟତା ୧୦ ହଜାର ଟଙ୍କା ଲେଖାଏ ଚେକ୍ ମାଧ୍ୟମରେ ସହାୟତା ରାଶି ବଣ୍ଟନ କରାଯାଇଛି।

# ନନ୍ଦାହାଣ୍ଡି ରୋଗୀ କଲ୍ୟାଣ ସମିତି ବୈଠକ

ନନ୍ଦାହାଣ୍ଡି, ୪।୧୧ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ସଭ୍ୟ ସନ୍ତୋଷ ମିଶ୍ର, ସୁନାଧର ବେରୁକ୍ସ, ଚମ୍ପା ଲୋହରା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗେଇବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଜଣାଇ ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ଗତବର୍ଷ ଆଲୋଚନା ହୋଇଥିବା ସମସ୍ୟାର କଣ ସମାଧାନ ହୋଇଛି ତାହା ବିଧାୟକ ପଚାରି ବୁଝିଥିଲେ। ଚଳିତ ବର୍ଷ କେଉଁ କାର୍ଯ୍ୟ ପାଇଁ କେତେ ପାଣ୍ଠି ଆବଶ୍ୟକ ତାହାର ଏକ କାର୍ଯ୍ୟ ତାଲିକା କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡା ଶିବାନନ୍ଦ ବିଷୋୟୀ, ଡା. ପ୍ରଭଞ୍ଜନ ପରିଡ଼ା, ଡା. ସ୍ୱପ୍ନା ନାୟକ, ଆୟୁର୍ବେଦିକ ଡା ସଂଘମିତ୍ରା ଶତପଥୀ, ଡା. ସତ୍ୟବ୍ରତ ଦଳେଇ, ପିଏଚଇଓ ସଙ୍ଗୀତା ପାତ୍ର, ଆର୍ତ୍ତତ୍ରଣ ମିଶ୍ର, ଦ୍ୱିତୀକୃଷ୍ଣ ପଣ୍ଡା, ସଞ୍ଜୟ ବେହେରା, ତୁଷାରକାନ୍ତ ନାହାକ, ଈଶ୍ୱର ମୁଦୁଲି, ଏବିଇଓ ଉତ୍ତମା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପିଏ ଜିତେନ୍ଦ୍ର ପାତ୍ର ପରିଚାଳନା କରିଥିଲେ।



# ବିଡିଓଙ୍କୁ ଗିରଫ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, ୪।୧୧ (ଦୁର୍ଯ୍ୟୋଧନ ପାତ୍ର)

## ଖବରଦାତାଙ୍କୁ ବିଡିଓଙ୍କ ଆକ୍ରମଣ, ଗିରଫକୁ ନିନ୍ଦା

ମାଲକାନଗିରି ଏସ୍‌ୟୁଜେ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି, ଗତ ୧ ତାରିଖରେ ସୁବର୍ଣ୍ଣପୁର ଜିଲାର ଜଣେ ଗଣମାଧ୍ୟମ ପ୍ରତିନିଧି ଧୀରେନ୍ଦ୍ର କୁମାର ଜାନୀ ଖବର ସଂଗ୍ରହ କରିବା ନିମନ୍ତେ ସ୍ଥାନୀୟ ବିଡିଓ ସୌମ୍ୟରଂଜନ ସ୍ୱାଇଁଙ୍କୁ ଭେଟି ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଏଥିରେ ସ୍ୱାଇଁ ଉତ୍‌କ୍ଷିପ୍ତ ହୋଇ ଜାନୀଙ୍କୁ ଆକ୍ରମଣ କରିଥିଲେ । ଫଳରେ ଜାନୀ ଏ ନେଇ ଥାନାରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ ଏହାର କୌଣସି ତଦନ୍ତ ନ କରି ଜାନୀଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ଓଡିଶାର ସମସ୍ତ ସାମ୍ବାଦିକ ନିନ୍ଦା କରିବା ସହ ଏହାର ତଦନ୍ତ ପାଇଁ ଦାବି କରିଛନ୍ତି। ଏଥିସହ ବିଡିଓଙ୍କୁ ଗିରଫକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଡିଓଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ କରିବାକୁ ଦାବି କରିଛନ୍ତି। ଏହି ଘଟଣାକୁ ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ମଧ୍ୟ ଘୋର ନିନ୍ଦା କରିବା ସହ ଏହାର ତଦନ୍ତ ପାଇଁ ଏସ୍‌ୟୁଜେ ସଂଘ ତରଫରୁ ଦାବିପତ୍ର ଦିଆଯାଇଛି ।

# ରକ୍ତ ଦେଇ ଛାତ୍ରୀଙ୍କ ଜୀବନ ବଞ୍ଚାଇଲେ ଶିକ୍ଷକ

ମାଲକାନଗିରି,୪।୧୧ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ମାଥିଲି ବ୍ଲକର ଜଣେ ଶିକ୍ଷକ ରକ୍ତଦେଇ ଛାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି। ମାଥିଲି ବ୍ଲକ ଟିମସ୍‌ପୁଟ ଆଶ୍ରମ ବିଦ୍ୟାଳୟର ମମତା ମାଣ୍ଡି(୧୨) ୫ମ ଶ୍ରେଣୀରେ ପଢୁଥିବା ବେଳେ ସିକଲସେଲ୍ ରୋଗରେ ପୀଡିତ ଥିଲେ। ତେବେ ହଠାତ୍ ମମତାଙ୍କ ରକ୍ତ ଅଭାବ ଯୋଗୁ ସେ ଅସୁସ୍ଥ ହୋଇ ପଡିଥିବା ବେଳେ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗୁଲୁ କିର୍ଷାନୀ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ରକ୍ତ ଦରକାର କହିବାରୁ ପ୍ରଧାନ ଶିକ୍ଷକ ରକ୍ତ ଭଣ୍ଡାର ଯାଇ ବୁଝିବାରୁ ସେଠାର 'ବି'ପଜିଟିଭ୍ ରକ୍ତ ନ ଥିଲା। ତେବେ ଏହି ଖବର ମାଥିଲି ବ୍ଲକର ମେକା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବାରିକ ଜାଣିବାକୁ ପାଇଥିଲେ। ତାଙ୍କର ଗ୍ରୁପ୍ 'ବି'ପଜିଟିଭ୍ ଥିବାରୁ ବାରିକ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ପହଞ୍ଚି ରକ୍ତ ଦେଇଥିଲେ। ଫଳରେ ମମତାଙ୍କୁ ରକ୍ତ ମିଳିଥିବା ବେଳେ ସେ ବର୍ତ୍ତମାନ ସୁସ୍ଥ ଥିବା ଜଣା ପଡିଛି। ବାରିକ ରକ୍ତ ଦେଉଥିବା ବେଳେ ମାଥିଲି ବ୍ଲକ ମଙ୍ଗଳ ଅଧିକାରୀ ଶିବ ଶଙ୍କର ସାହୁ, ଜିଲା ବସ୍ ସଂଘ ସଦସ୍ୟ ଛବି ଦାସ ଓ ନିରଞ୍ଜନ ସ୍ୱାଇଁ ପ୍ରମୁଖ ସେଠାରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ଧାନକିଣାରେ ଦୁର୍ନୀତି, ଅବ୍ୟବସ୍ଥା ବରଦାସ୍ତ କରାଯିବନି'

ଜୟପୁର,୪।୧୧ (ପବନ ପାଣିଗ୍ରାହୀ)

## ଖରିଫ ମଣ୍ଡି ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ଜୟପୁର ଯୋଗାଣ ବିଭାଗ କାର୍ଯ୍ୟାଳୟରେ ସୋମବାର ଆସି ଏକ ସମୀକ୍ଷା ବୈଠକ କରିଛନ୍ତି। ଖରିଫ ୨୦୨୪-୨୫ ଧାନ କିଣା ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ନଭେମ୍ବର ୨୦୨୪ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ଖରିଫ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ କୋରାପୁଟର ଧାନ ଅମଳ ସ୍ଥିତିକୁ ଦେଖି ଡିଏଲ୍‌ସିସି ବୈଠକରେ କୋରାପୁଟ ଜିଲାର ମଣ୍ଡିର ଦିନ ଧାର୍ଯ୍ୟ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଧାନର ଏମ୍‌ଏସ୍‌ପି ୨୩୦୦ ଟଙ୍କା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଇନ୍‌ପୁଟ ସହାୟତା ୮୦୦ ଟଙ୍କା ମିଶାଇ ୩୧୦୦ ଟଙ୍କାରେ ଧାନ କିଣାଯିବାକୁ ସ୍ଥିର ହୋଇଛି।

ନିୟମିତ ତନିଖିକୁ ଦୃଷ୍ଟିରେ ରଖି ଧାନ ରଖିବାବେଳେ ଯେପରି ଏହା ଗଣିବାକୁ ସହଜ ହେଉଥିବ ସେଥିପ୍ରତି ମିଲରମାନଙ୍କୁ ଧାନ ଦେବାକୁ ନିର୍ଦ୍ଦେଶ ଦିଆଯିବ। ସମସ୍ତଙ୍କ ସହଯୋଗରେ ଧାନକ୍ରୟକୁ ବ୍ୟବସ୍ଥିତଭାବେ ଯେପରି ପରିଚାଳିତ ହେବ ସେଥିପ୍ରତି ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଧାନକିଣା ନେଇ କେଣସି ପ୍ରକାର ଦୁର୍ନୀତି ଓ ଅବ୍ୟବସ୍ଥାକୁ ବରଦାସ୍ତ କରାଯିବ ନାହିଁ। ଧାନ ସଂଗ୍ରହ ନୀତି ଅନୁଯାୟୀ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଏବଂ ପ୍ରକୃତ ଚାଷୀଙ୍କ ରେଜିଷ୍ଟ୍ରେସନକୁ ଗୁରୁତ୍ୱ ଦିଆଯିବ। ଯାହା ଦ୍ୱାରା ଚାଷୀଙ୍କ ଅର୍ଥନୈତିକ ବିକାଶ ହେବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ବୈଠକରେ ଜୟପୁର ଉପଜିଲାପାଳ ଆକାବରମ ଶସ୍ୟ ରେଡ୍ଡୀ, ଏଡିଏମ୍ ଆଲମଣୀ ସେଠୀ, ଡିଆର୍‌ସିଏସ୍ ଭୀମସେନ ସାହୁ, ଜିଲା କୃଷି ଅଧିକାରୀ ପ୍ରଦୀପ ମହାନ୍ତି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ସର୍ବେଶ୍ୱର ନାୟକ, ସହାୟକ ଯୋଗାଣ ଅଧିକାରୀ ପ୍ରୀୟମ୍ବଦା ବେହେରା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମପୁରରେ ୧୯ ଅଭିଯୋଗ ଶୁଣାଣି

କୋରାପୁଟ,୪।୧୧ (ଅମିତାଭ ବେହେରା)

କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ନନ୍ଦ କିଶୋର ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସରପଞ୍ଚ ଚୈତନ୍ୟ ଜାନି, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ସାମଲ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ ଦାସ, ଜିପିଇଓ ଅଶୋକ ଶତପଥୀ, ବ୍ଲକ ମଙ୍ଗଳ ଅଧିକାରୀ ଆକାଶ ଜେନା, ମିଶନ ଶକ୍ତି ବିପିସି ସସ୍ମିତା ଖୋସଲା, ବିପିଏମ୍ ସ୍ନେହଲତା ମିଶ୍ର, ସମିତି ସଭ୍ୟା ଗୀତା ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ମୋଟ ୧୯ ଅଭିଯୋଗ ଶୁଣାଣି କରାଯାଇଥିଲା। ରାସ୍ତା, ଡ୍ରେନ, ପାନୀୟ ଜଳ, ଅଙ୍ଗନୱାଡି ଗୃହ ନିର୍ମାଣ, ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କିତ ଅଭିଯୋଗ ସମାଧାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ବିକେ ସିପ୍ରା ରାଉତ, ଯୋଗାଣ ସହାୟକ କୃଷ୍ଣ ସିଂ, ଶେଖର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ।

# ଜିଲା ପ୍ରଶାସନ ପକ୍ଷରୁ ଜନ ଶୁଣାଣି



ଜନ ଶୁଣାଣିରେ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ମାଲକାନଗିରି,୪।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଖଣ୍ଡିୟ ବନ ଅଧିକାରୀ ପ୍ରତାପ କତାପାଲି, ଅତିରିକ୍ତ ଏସ୍‌ପି ତପନ ନାରାୟଣ ରଥ, ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରେ ୨୩ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଶେଷକରି ବିଭିନ୍ନ ଧାନ ମଣ୍ଡି, ସରକାରୀ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ବଦଳି ଓ ସରକାରୀ ସହାୟତା ଆଦି ବିଷୟ ସହ ଅନ୍ୟାନ୍ୟ ଅଭିଯୋଗର ଶୁଣାଣି ହୋଇଥିଲା। ତେବେ ସମସ୍ତ ଅଭିଯୋଗ ପ୍ରତି ଦୃଷ୍ଟି ଦେଇ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଜିଲାର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିଜ୍ଞାନ, ଲୋକନୃତ୍ୟ ସହାୟତାରେ ଅନ୍ଧବିଶ୍ୱାସ ଦୂର ହୋଇପାରିବ

## ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ନବରଙ୍ଗପୁର,୪।୧୧ (ସଦାଶିବ ପ୍ରହରାଜ)




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ନବରଙ୍ଗପୁରସ୍ଥିତ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୧୦ଟି ବ୍ଲକରୁ ୧୦ଟି ଦଳ ଭାଗ ନେଇଥିଲେ। ବିଜ୍ଞାନର ପାଞ୍ଚ ଗୋଟି ବିଷୟ ଉପରେ ଛାତ୍ରୀଛାତ୍ର ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ କୋଷାଗୁମୁଡ଼ା ବ୍ଲକର ମାଝିଧନୁଆ ଉଚ୍ଚ ବିଦ୍ୟାଳୟ ପ୍ରଥମ, ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ ଝରିଗାଁ ବ୍ଲକ ଛୋଟାଗୁଡ଼ା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଡିଇଓ ଛତ୍ରପତି ସାହୁ ଯୋଗଦେଇଥିଲେ। ବିଜ୍ଞାନ ଓ ଲୋକନୃତ୍ୟର ସମ୍ମିଶ୍ରଣରେ ଜିଲାରେ ରହିଥିବା ଅନ୍ଧବିଶ୍ୱାସ, ବାଲ୍ୟ ବିବାହ ଓ କୁସଂସ୍କାର ଦୂର ହୋଇପାରିବ, ଏହାକୁ ବିଦ୍ୟାଳୟର ଛାତ୍ରୀଛତ୍ରମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଡିଇଓ କହିଥିଲେ। ନିରୁପମା ନାୟକ ଓ ଶକୁନ୍ତଳା ମହାନ୍ତି ବିଚାର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶିଳ୍ପୀ ପଟ୍ଟନାୟକ, ଆନନ୍ଦ ପୂଜାରୀ, ଗୋବର୍ଦ୍ଧନ ନାୟକ ଏଥିରେ ସହାୟତା କରିଥିଲେ।

